# NATIONAL NEWS BULLETIN (ODIA)

## 31 May - 2025

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- କୌଣସି ପ୍ରକାର ପରୋକ୍ଷ ଯୁଦ୍ଧକୁ ଭାରତ ସହ୍ୟ କରିବ ନାହିଁ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

– ଲୋକମାତା ଦେବୀ ଅହିଲ୍ୟାବାଈଙ୍କ ଜନ୍ମବାର୍ଷିକୀ ଅବସରରେ ମହିଳା ସଶକ୍ତିକରଣ ମହା-ସମ୍ମିଳନୀକୁ କଲେ ସମ୍ବୋଧନ ।

- ଦେଶରେ ଆସନ୍ତାକାଲି ଆୟୋଜନ ହେବ ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍ ଅଭିଯାନର ୨୫ତମ ସଂସ୍କରଣ ।

- ତମାଖୁ ବ୍ୟବହାରର ବିପଦ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଇଛି ବିଶ୍ୱ ତମାଖୁ ବର୍ଜନ ଦିବସ ।

ଏବଂ

- ଲଗାଣ ବର୍ଷା ଜନିତ ଭୂସ୍ଖଳନରେ ମିଜୋରାମରେ ବ୍ୟାପକ କ୍ଷୟକ୍ଷତି; ଜାରି ରହିଛି ଉଦ୍ଧାର କାର୍ଯ୍ୟ ।

# ପିଏମ୍-ଏମ୍ପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ଭାରତର ମହିଳା ଶକ୍ତି ପାଇଁ ଏକ ଆହ୍ୱାନ ଥିଲା । ମଧ୍ୟପ୍ରଦେଶର ଭୋପାଳ ସ୍ଥିତ ଜମ୍ବୁରୀ ମଇଦାନ ଠାରେ ଲୋକମାତା ଦେବୀ ଅହିଲ୍ୟା ବାଈଙ୍କ ୩୦୦ତମ ଜନ୍ମ ବାର୍ଷିକୀ ଅବସରରେ ମହିଳା ସଶକ୍ତିକରଣ ମହା ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

କୌଣସି ପ୍ରକାର ପରୋକ୍ଷ ଯୁଦ୍ଧକୁ ଭାରତ ସହ୍ୟ କରିବ ନାହିଁ । ଆତଙ୍କବାଦୀ କାର୍ଯ୍ୟକଳାପର ଦୃଢ଼ ଜବାବ ଦେବାକୁ ଭାରତ ସଂକଳ୍ପବଦ୍ଧ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସିନ୍ଦୂର ଭାରତର ସାହସିକତାର ପ୍ରତୀକ ପାଲଟିଛି ।

## V/O-SINDOOR-SHAURYA-PRATEEK

ଭାରତୀୟ ସେନା ଶହଶହ କିଲୋମିଟର ଦୂରରେ ଥିବା ଶତ୍ରୁ ଅଞ୍ଚଳରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାସ୍ଥଳୀ ଗୁଡ଼ିକୁ ଧ୍ୱଂସ କରିଛି । ଭାରତର ଇତିହାସରେ ଏପର୍ଯ୍ୟନ୍ତ ଏହା ହେଉଛି ସବୁଠାରୁ ବଡ଼ ସଫଳତା । ୧୪୦ କୋଟି ଭାରତୀୟଙ୍କର ସ୍ପଷ୍ଟ ବାର୍ତ୍ତା ହେଉଛି, ଗୁଳିର ଜବାବ ଅନୁରୂପ ଭାଷାରେ ପ୍ରଦାନ କରାଯିବ । ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ମହିଳା ନେତୃତ୍ୱାଧୀନ ବିକାଶକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ସରକାରଙ୍କ ପ୍ରତ୍ୟେକ

ପ୍ରମୁଖ ଯୋଜନାର କେନ୍ଦ୍ରବିନ୍ଦୁ ଭାବେ ମହିଳା ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଜନକଲ୍ୟାଣ ମୂଳକ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

ଲୋକମାତା ଦେବୀ ଅହିଲ୍ୟା ବାଇ ହୋଲକରଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କର ଦୃଢ଼ ସଂକଳ୍ପ ଏବଂ କଷ୍ଟକର ପରିସ୍ଥିତିକୁ ପ୍ରତିହତ କରିବାର ଚେଷ୍ଟା ଅନ୍ୟମାନଙ୍କ ପାଇଁ ଏକ ଶକ୍ତିଶାଳୀ ଉଦାହରଣ ।

## V/o-PM-ON-AHILYABAI-GOVERNANCE

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଦେଶର ଗରିବ ନାଗରୀକଙ୍କ ପାଇଁ ଏହି ଯୋଜନା ଅଧୀନରେ ୪ କୋଟିରୁ ଅଧିକ ଗୃହ ନିର୍ମାଣ ହୋଇଛି । ଏଥିରୁ ଅଧିକାଂଶ ମହିଳାଙ୍କ ନାମରେ ପଞ୍ଜିକୃତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଇନ୍ଦୋର ମେଟ୍ରୋ ଏବଂ ସତନାଦାତିଆ ବିମାନ ବନ୍ଦରର ଉଦ୍‌ଘାଟନ କରାଯାଇଛି । ମଧ୍ୟପ୍ରଦେଶରେ ଏହିସବୁ ପ୍ରକଳ୍ପ ସୁବିଧା ସୁଯୋଗକୁ ସୁବ୍ୟବସ୍ଥିତ କରିବା ସହ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ । ନିଯୁକ୍ତି କ୍ଷେତ୍ର ମଧ୍ୟ ଗତିଶୀଳ ହେବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୨୪ ଏକର ଜମିରେ  ୬୦ କୋଟି ଟଙ୍କା ବ୍ୟୟ

ଅଟକଳରେ ନିର୍ମିତ ଦତିଆ ଏବଂ ୩୭ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସତନା ବିମାନ ବନ୍ଦରର ଉଦ୍ଘାଟନ କରିଛନ୍ତି । ଇନ୍ଦୋରଠାରେ ପ୍ରଥମ ମେଟ୍ରୋ ରେଳ ପ୍ରକଳ୍ପର ମଧ୍ୟ ପ୍ରଧାନମନ୍ତ୍ରୀ ଆଜି ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏକ ସ୍ୱତନ୍ତ୍ର ୩୦୦ ଟଙ୍କାର ମୁଦ୍ରାକୁ ଉନ୍ମୋଚନ କରିଛନ୍ତି । ଅହିଲ୍ୟାବାଇ ହୋଲ୍‌କରଙ୍କ  ପ୍ରତିଛବି ଥିବା ଏହି ମୁଦ୍ରା ତାଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଜାରି କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଏକ ସ୍ମାରକୀ ଡାକଟିକଟ ମଧ୍ୟ ଉନ୍ମୋଚନ କରିଛନ୍ତି ।

## ନଡ୍ଡା-ଜୟପୁର ଭିଜିଟ୍

ଅପରେସନ୍ ସିନ୍ଦୂର ମାଧ୍ୟମରେ ଭାରତର କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନ ଚାରି ଦିନ ମଧ୍ୟରେ ଆତ୍ମସମର୍ପଣ କରିଥିଲା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି । ଜୟପୁର ଠାରେ ଆଜି ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରି ଶ୍ରୀ ନଡ୍ଡା କହିଛନ୍ତି, ଅପରେସନ ସିନ୍ଦୂର ପ୍ରମାଣ କରିଛି' ଆତଙ୍କବାଦ ବିରୁଦ୍ଧରେ ଭାରତ ଦୃଢ଼ ଜବାବ ଦେବାକୁ ସକ୍ଷମ । ଭାରତୀୟ ସେନା ମାତ୍ର ୨୨ ମିନିଟ୍‌ରେ ପାକିସ୍ତାନ ଅନ୍ତର୍ଗତ ୯ଟି ଆତଙ୍କବାଦୀ ଆଡ୍ଡାକୁ ନଷ୍ଟ କରିଛି । ଏହା ଭାରତୀୟ ସେନାର ଶକ୍ତି, ସାହସ ଏବଂ ଚିନ୍ତାଧାରା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼

ନେତୃତ୍ୱକୁ ପ୍ରତିପାଦନ କରୁଛି । ଅପରେସନ ସିନ୍ଦୂର ଏ ପର୍ଯ୍ୟନ୍ତ ବନ୍ଦ ହୋଇନାହିଁ ଏହା ଜାରି ରହିବ ବୋଲି ଶ୍ରୀ ନଡ୍ଡା ସ୍ପଷ୍ଟ କରିଛନ୍ତି । ରାଜସ୍ଥାନ ଆନ୍ତର୍ଜାତିକ କେନ୍ଦ୍ର ଠାରେ ଲୋକାମାତା ଦେବୀ ଅହିଲ୍ୟା ବାଈ ହୋଲକର ମହିଳା ଶକ୍ତିକରଣ ସମ୍ମିଳନୀରେ ଯୋଗଦେଇ ଶ୍ରୀ ନଡ୍ଡା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ଦେଶରେ ୧ ଲକ୍ଷ ୭୭ ହଜାର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ବିକଶିତ ହୋଇଛି ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ନଡ୍ଡା ଜବାହର ସର୍କଲ୍‌ରେ ଆୟୋଜିତ ତ୍ରିରଙ୍ଗା ଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ମାଣ୍ଡବ୍ୟ ଫିଟ୍ ଇଣ୍ଡିଆ

**ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍** ଅଭିଯାନର ୨୫ତମ ସଂସ୍କରଣ ଆସନ୍ତାକାଲି ସମଗ୍ର ଦେଶରେ ପାଳନ କରାଯିବ । ସ୍ୱତନ୍ତ୍ର ତ୍ରିରଙ୍ଗା ଶୋଭାଯାତ୍ରା ଭାବେ ଏହାକୁ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀ ଠାରେ ଏହି ସଂସ୍କରଣର ନେତୃତ୍ୱ ନେବେ । ଏଥିରେ କ୍ରୀଡ଼ା ତଥା ମନୋରଂଜନ ଜଗତର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଯୋଗେଶ୍ୱର ଦତ୍ତ,

ଆନ୍ତର୍ଜାତିକ ମଲ୍ଲ ଯୋଦ୍ଧା ସରିତା ମୋର, ଅଭିନେତ୍ରୀ ସର୍ଭରୀ ଏବଂ ପୂର୍ବତନ କ୍ରିକେଟର ତଥା ଚୟନକର୍ତ୍ତା ସବା କରିମ ଆଦି ଅନ୍ତର୍ଭୁକ୍ତ । ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ଆସନ୍ତା ୩ ତାରିଖରେ ବିଶ୍ୱ ସାଇକେଲ୍ ଦିବସ ପାଳନ ପାଇଁ ସ୍ଥିର କରାଯାଇଛି । ତେବେ ଆସନ୍ତାକାଲିର କାର୍ଯ୍ୟକ୍ରମ କେବଳ ସୁସ୍ଥ ଜୀବନଶୈଳୀ ଶୀର୍ଷକ ବାର୍ତ୍ତାକୁ ପ୍ରସାରଣ କରିବା ନେଇ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୨୦୦ ସାଇକେଲ୍ ଚାଳକ ଅଂଶଗ୍ରହଣ କରିବେ । ସମଗ୍ର ଦେଶରେ ୨ହଜାରରୁ ଅଧିକ ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

# ନୋ ଟବାକୋ ଡେ

ତମାଖୁ ବ୍ୟବହାରର ବିପଦ ସଂପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ତମାଖୁ ବର୍ଜନ ସଂକ୍ରାନ୍ତ ଏହା ହେଉଛି ଏକ ବିଶ୍ୱସ୍ତରୀୟ ପଦକ୍ଷେପ । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ତମାଖୁ ସେବନକୁ ପ୍ରତ୍ୟାଖ୍ୟାନ କରିବା, ତମାଖୁର ପ୍ରଚାର ପ୍ରସାର କରୁଥିବା ବ୍ୟାବସାୟିକ କୌଶଳର ସତ୍ୟତାକୁ ଲୋକଲୋଚନକୁ ଆଣିବା' । ନୂଆଦିଲ୍ଲୀ ଏମ୍ସର ପଲମୋନାରୀ, କ୍ରିଟିକାଲ୍ କେୟାର୍ ଏବଂ ସ୍ଲିପ୍

ମେଡିସିନ୍‌ର ବିଭାଗର ଡାକ୍ତର କରଣ ମଦନ ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନାରେ କହିଛନ୍ତି, ଯେକୌଣସି ପ୍ରକାର ତମାଖୁ ସେବନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏଥିରୁ ଦୂରେଇ ରହିବା ନିତ୍ୟାନ୍ତ ଜରୁରୀ ।

**V/O**

# ମିଶ୍ରି-ୟୁଏସ୍ ଭିଜିଟ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ୱାଶିଂଟନ୍ ଡି.ସି. ଗସ୍ତ ସମୟରେ ଆମେରିକା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ବୈଠକରେ ଅଂଶଗ୍ରହଣ କରିଥିଲେ ।  ଏହି ଅବସରରେ ଶ୍ରୀ ମିଶ୍ରି ଆମେରିକାର ଉପବିଦେଶ ସଚିବ କ୍ରିଷ୍ଟୋଫର୍ ଲାଣ୍ଡୌଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଏବଂ ଦକ୍ଷତା ବିକାଶ ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଏକବିଂଶ ଶତାବ୍ଦୀରେ ସହଭାଗିତା ଉପରେ ଏହି ଆଲୋଚନା ବୈଠକରେ ମତବିନିମୟ ହୋଇଛି । ଶ୍ରୀ ମିଶ୍ରି ଆମେରିକାର ପ୍ରତିରକ୍ଷା ଉପବିଭାଗ ସଚିବ ଷ୍ଟିଭ୍ ଫେନ୍‌ବର୍ଗ ଏବଂ ନିତିନିର୍ଦ୍ଧାରଣ ସଚିବ ଏଲ୍‌ବ୍ରିଜ୍ କୋଲବିଙ୍କ ସହ ମଧ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ । ଆନ୍ତର୍ଜାତିକ ଆର୍ଥିକ ପ୍ରତିଷ୍ଠାନରେ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ସହଯୋଗ ଏବଂ ଉଭୟ ଦେଶ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଶ୍ରୀ ମିଶ୍ରି

ଆମେରିକାର ଟ୍ରେଜେରୀ ଉପବିଭାଗ ସଚିବ ମାଇକେଲ୍ ଫଲ୍‌କେଣ୍ଡରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ପ୍ରଗତି ନେଇ ଶ୍ରୀ ମିଶ୍ରି ଆମେରିକାର ବାଣିଜ୍ୟ ସଚିବ ଜେଫ୍‌ରୀ କେଶଲରଙ୍କ ସହ ମତବିନିମୟ କରିଥିଲେ । ସେଠାକାର ଶିଳ୍ପ ପ୍ରତିନିଧିଙ୍କ ସହ ଶ୍ରୀ ମିଶ୍ରି ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ସୂଚନା ଯୋଗ୍ୟ ବୈଦେଶିକ ସଚିବ ଶ୍ରୀ ମିଶ୍ରି ଚଳିତ ମାସ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୱାଶିଂଟନ୍ ଡି.ସି. ଗସ୍ତରେ ଯାଇଥିଲେ ।

## ମିଜୋରାମ-ଲ୍ୟାଣ୍ଡସ୍ଲାଇଡ୍

ମିଜୋରାମରେ ଗତ ତିନି ଦିନ ଧରି ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇଛି । ଅତି କମ୍‌ରେ ପାଞ୍ଚ ଜଣଙ୍କର ମୃତ୍ୟୁ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଚମ୍ପାଇ ଜିଲ୍ଲାର ଭାରତ-ମ୍ୟାଁମାର୍ ସୀମା ନିକଟବର୍ତ୍ତୀ ଭାଫାଇ ଗ୍ରାମ ଠାରେ ଭୂସ୍ଖଳନରେ ତିନି ଜଣଙ୍କର ମୃତ୍ୟୁ ହୋଇଛି ।

ଆକାଶବାଣୀ ସମ୍ବାଦ ବିଭାଗକୁ ସୂଚନା ଦେଇ ଭାଫାଇ ଗ୍ରାମ ପରିଷଦ ଅଧ୍ୟକ୍ଷ ଜନି ରେଙ୍ଗଖୁମା କହିଛନ୍ତି, ଏଥିରେ ଦୁଇ ଜଣ ମହିଳା ଅଛନ୍ତି । ସେହିସବୁ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଥିବା

ସେ ସୂଚନା ଦେଇଛନ୍ତି । ବହୁ ଘର ନଷ୍ଟ ହୋଇଥିବା ବେଳେ ସେରଛିପ-ଆଇଜର ମଧ୍ୟରେ ସଡ଼କ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି ।

ଲଙ୍ଗଟଲାଇ ଜିଲ୍ଲାରେ ଭୂସ୍ଖଳନ ଯୋଗୁଁ ଏକ ହୋଟେଲ୍ ସମେତ ୭ଟି ଘର ଭୁଶୁଡ଼ି ପଡ଼ିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି । ଗତ ରାତିରେ ଲଙ୍ଗଟଲାଇର ବଜାର ଭେଙ୍ଗ ଏବଂ ଚାନ୍ଦମାରି ଅଞ୍ଚଳରେ ଏହା ଘଟିଛି । ତେବେ ଭଗ୍ନାବଶେଷରୁ ଜଣେ ବ୍ୟକ୍ତିଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଆଇଏମ୍‌ଡି ଓ୍ୱେଦର

ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ପାଗରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ଭାରତୀୟ ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଆଜି ଅପରାହ୍ଣରେ ପ୍ରବଳ ପବନ ବୋହିବା ସହ ଝଡ଼ବର୍ଷା ହୋଇଛି । ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ହରିଆଣା ଏବଂ ଚଣ୍ଡିଗଡ଼ରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାର କେତେକ

ଅଞ୍ଚଳରେ ଆସନ୍ତାକାଲି ପ୍ରବଳରୁ ଅତି-ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।